ଧରିତ୍ରୀ
DHARITRI
ବାଲେଶ୍ୱର, ଗୁରୁବାର, ୪ ଜୁଲାଇ, ୨୦୧୯



## ଆଜି କ'ଣ କେଉଁଠି

ଭଦ୍ରକ

- ଶ୍ରୀଗୁଣ୍ଡିଚା ଉପଲକ୍ଷେ ରଥଯାତ୍ରା, ସ୍ଥାନ: ବାଇପାସ୍, ସମୟ: ଅପରାହ୍ନ ୩ଟା ୩୦।
- ଇଷ୍ଟର୍ଣ୍ଣ ମନ୍ଦିର ପକ୍ଷରୁ ପ୍ରଥମ ରଥଯାତ୍ରା, ସ୍ଥାନ: କୁଆଁସ, ସମୟ: ଅପରାହ୍ନ ୩ଟା।

## ସଂକ୍ଷେପରେ

### ଭାଜପା ପକ୍ଷରୁ ଏନ୍ଏସି ଅଧିକାରୀଙ୍କୁ ଦାବିପତ୍ର

**ଚାନ୍ଦବାଲି, ୩।୭ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ଭାଜପା ପକ୍ଷରୁ ୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଏନ୍ଏସିର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏନ୍ଏସି ସୀମା ମଧ୍ୟରେ ଥିବା ବିଭିନ୍ନ ୱାର୍ଡରେ ପାନୀୟଜଳ ଯୋଗାଣ ଓ ଡ୍ରେନେଜ୍ ସମସ୍ୟା ଲାଗିରହିଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଡ୍ରେନ୍ ପାଣି ଚାଲୁଛି। ସହରର ବିଭିନ୍ନ ସ୍ଥାନରେ ଥିବା ଡ୍ରେନ୍‌ଗୁଡିକ ସଫା କରାଗଲେ ମଧ ଏହାର ଅଳିଆକୁ ସ୍ଥାନାନ୍ତର କରାଯାଉ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନରେ ଅନିୟମିତତା ଓ ଦଳୀୟ ଭିତ୍ତିରେ କାର୍ଯ୍ୟାଦେଶ ପ୍ରଦାନ, ଆଲୋକୀକରଣ ଓ ରାସ୍ତାଘାଟ ନିର୍ମାଣରେ ନିମ୍ନମାନର କାମ ହେଉଥିବା ନେଇ ଭାଜପା କର୍ମୀମାନେ ଅଭିଯୋଗ କରିଛନ୍ତି। ସପ୍ତାହକ ମଧ୍ୟରେ ଦାବି ପୂରଣ ନ ହେଲେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କମଳାକାନ୍ତ ସୂତାର, ଅରଜିତ୍ ପଣ୍ଡା ଓ ସୌମେନ୍ଦ୍ର ମହାନ୍ତି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

### ଜବତ ବାଲି ଟ୍ରାକ୍ଟରରୁ ଜରିମାନା ଆଦାୟ

**ଭଣ୍ଡାରିପୋଖରୀ, ୩।୭ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଅଞ୍ଚଳରେ ଦିନକୁ ଦିନ ବଢ଼ିଚାଲିଛି ଚୋରା ବାଲି ଚାଲାଣ। ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଫଳରେ ବାଲି ଉତ୍ତୋଳନ କରୁଥିବା ମାଫିଆ ମାଲାମାଲ ହେଉଛନ୍ତି। ମଙ୍ଗଳବାର ଭଣ୍ଡାରିପୋଖରୀର ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ସ୍ୱାଇଁ ମଣିନାଥପୁର ବାଲିଘାଟରୁ ବାଲି ଉତ୍ତୋଳନ କରୁଥିବା ଟ୍ରାକ୍ଟର ମଧ୍ୟରୁ ଗୋଟିଏ ଗାଡ଼ିକୁ ଜବତ କରିଥିଲେ। ଅନ୍ୟ ଟ୍ରାକ୍ଟରଗୁଡ଼ିକ ଫେରାର ହୋଇଯାଇଥିଲେ। ଜବତ ବାଲି ଟ୍ରାକ୍ଟରକୁ ସେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ହସ୍ତାନ୍ତର କରିଥିଲେ। ରାଜସ୍ୱ ନିରୀକ୍ଷକ ଜବତ ଟ୍ରାକ୍ଟରରୁ ଜରିମାନା ବାବଦ ୧୦ ହଜାର ୧୦୫ ଟଙ୍କା ଆଦାୟ କରି ଛାଡ଼ିଥିଲେ। ପ୍ରକାଶ ଥାଉକି, ବ୍ଲକର ଷୋଳମପୁର ପଞ୍ଚାୟତ ମଣିନାଥପୁର, ମୁଡ଼ାପଦା, ଦାଣ୍ଡକୁଳସ୍ଥିତ ବୈତରଣୀ ନଦୀ ବାଲିଗୁଳାରୁ ପ୍ରତ୍ୟେହ ଟ୍ରିପ୍ ଟ୍ରିପ୍ ବାଲି ଉଠାଇ ଚୋରାରେ ପରିବହନ କରାଯାଉଛି। ବ୍ଲକଠାରୁ ଜିଲା ପ୍ରଶାସନ ବେଆଇନ ବାଲି ପରିବହନ ନେଇ ଅବଗତ ଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ଭାଜପା ଧୂଷୁରୀ ମଣ୍ଡଳରେ ୧୫ ହଜାର ସଦସ୍ୟ ସଂଗ୍ରହ ଲକ୍ଷ୍ୟ

**ଧାମନଗର, ୩।୭ (ଡି.ଏନ.ଏ.):** ଧାମନଗର ବ୍ଲକ ଭାଜପା ପକ୍ଷରୁ ସଦସ୍ୟତା ସଂଗ୍ରହ ଅଭିଯାନ ପାଇଁ ଧୂଷୁରୀ ପୂଜ୍ୟପୂଜା ସଂସଦ ଗୃହରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାମନଗର ନିର୍ବାଚନ ମଣ୍ଡଳୀରେ ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଷ୍ଣୁ ସେଠୀଙ୍କ ବିଜୟ ପରେ ଦଳ ନିଜର ସ୍ଥିତିକୁ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଛି। ଧୂଷୁରୀ ମଣ୍ଡଳରେ ୧୫ ହଜାର ସଦସ୍ୟ ସଂଗ୍ରହ ଲାଗି ଲକ୍ଷ୍ୟ ରଖାଯାଇଥିବା ବୈଠକରେ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଦସ୍ୟତା ପ୍ରମୁଖ ଭାବେ ରାମଚନ୍ଦ୍ର ପଣ୍ଡା ଓ ଅନ୍ତର୍ଯ୍ୟାମୀ ପତିଙ୍କୁ ଜିଲା ଭାଜପା ପକ୍ଷରୁ ମନୋନୀତ କରାଯାଇଛି। ଆସନ୍ତା ୬ ତାରିଖରେ ସଦସ୍ୟତା ଅଭିଯାନ ଶୁଭାରମ୍ଭ ପାଇଁ ବୈଠକରେ ସ୍ଥିର ହୋଇଛି। ସଦାଶିବ ପୋଥାଳ ଅଧ୍ୟକ୍ଷତା କରିଥିଲେ। ଭାଜପାର ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ସମ୍ପାଦକ ଅଶୋକ ପୁହାଣ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅନିରୁଦ୍ଧ ସାହୁ, ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝି, ରଞ୍ଜନ କୁମାର ମହାନ୍ତିଙ୍କ ସମେତ ଶକ୍ତିକେନ୍ଦ୍ର ଓ ବୁଥ୍ ପ୍ରମୁଖ ଉପସ୍ଥିତ ଥିଲେ।

# କମ୍ ପିଲା ଯୋଗୁ ବନ୍ଦ ହେଲା ୪ ସ୍କୁଲ

## ଘରୋଇ ଶିକ୍ଷାନୁଷ୍ଠାନ ପ୍ରତି ବଢ଼ୁଛି ଆନ୍ତରିକତା

**ବନ୍ତ, ୩।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ପିଲା ସଂଖ୍ୟା କମ୍ ଯୋଗୁ ୨ ବର୍ଷ ମଧ୍ୟରେ ୪ ସ୍କୁଲ ବନ୍ଦ ହୋଇଯାଇଛି। ଅଭିଭାବକମାନେ ସରକାରୀ ସ୍କୁଲ ଅପେକ୍ଷା ଘରୋଇ ସ୍କୁଲରେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସରକାରୀ ସ୍କୁଲରେ ପିଲା ସଂଖ୍ୟା କମ୍ ରହିବାର ଏହା ମୁଖ୍ୟ କାରଣ। ସମସ୍ତଙ୍କୁ ଶିକ୍ଷିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବଶିକ୍ଷା ଅଭିଯାନ କରାଯାଇଛି। ଏ ନେଇ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟବରାଦ କରିଚାଲିଛନ୍ତି। ମାତ୍ର ଗ୍ରାମାଞ୍ଚଳରେ ଏବେ ଘରୋଇ ବିଦ୍ୟାଳୟଗୁଡ଼ିକ ଛତୁ ଫୁଟିବା ପରି ଗଢ଼ି ଉଠିଥିବାରୁ ସରକାରୀ ସ୍କୁଲ ଉଠିଯିବା ଭଳି ପରସ୍ଥିତି ସୃଷ୍ଟି ହୋଇଛି। ଏ ଦିଗରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବା ବଦଳରେ ପରୋକ୍ଷରେ ଘରୋଇ ସ୍କୁଲ ପ୍ରତି ଆନ୍ତରିକତା ବଢ଼ି ଚାଲିଥିବା କୁହାଯାଉଛି। ଘରୋଇ ସ୍କୁଲ ପ୍ରତିଷ୍ଠା ଲାଗି ଅନୁମତି ଦିଆଯାଉ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି।

ଉଲ୍ଲେଖନୀୟ ଯେ, ଗତ ଶିକ୍ଷାବର୍ଷରେ କମ୍ ପିଲା ଥିବାରୁ ପୁରୁଷଣ୍ଡ ପଞ୍ଚାୟତ ତୋଫାବିବି କ୍ଲଷ୍ଟର ଅଧୀନ ଜଗନ୍ନାଥ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଓ ଛୟାଳସିଂ ପଞ୍ଚାୟତ ଖଗେଶ୍ୱର ମଇ ବିଦ୍ୟାଳୟ କ୍ଲଷ୍ଟର ହାଟଡିହୀ ପ୍ରକଳ୍ପ ବିଦ୍ୟାଳୟ ବନ୍ଦ କରି ଦିଆଯାଇଛି। ସେହିପରି ଚଳିତ ଶିକ୍ଷାବର୍ଷରେ ଷେଣ୍ଢତୀରା ପଞ୍ଚାୟତ ହରିହର ନୋଡାଲ କ୍ଲଷ୍ଟର ଅଧୀନ ପରମାନନ୍ଦପୁର ପ୍ରକଳ୍ପ ପ୍ରାଥମିକ ଓ ବିଟିପୁର ପଞ୍ଚାୟତ ଗୋପୀନାଥଜୀଉ ନୋଡାଲ କ୍ଲଷ୍ଟର ହଳଦିପୁହାଣି ଆଦିବାସୀ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯାଇଛି। ପରମାନନ୍ଦପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ୫ଟି ଶ୍ରେଣୀରେ ମୋଟ ୮ ଜଣ ପିଲା ଥିବାବେଳେ ଦୁଇଜଣ ଶିକ୍ଷକ ପାଠ ପଢ଼ାଉଥିଲେ। ଏହି ସ୍କୁଲ ବନ୍ଦ ହୋଇଯିବା ପରେ ସମ୍ପୃକ୍ତ ପିଲାମାନଙ୍କୁ ସ୍ଥାନୀୟ ପଙ୍ଗୀରା ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିଭଳି ଜଣେ ଶିକ୍ଷକଙ୍କୁ ବାଇପୁର ଓ ଅନ୍ୟ ଜଣଙ୍କୁ ବେଗନା ସ୍କୁଲରେ ଅବସ୍ଥାପିତ କରାଯାଇଛି। ହଳଦିପୁହାଣି ସ୍କୁଲର ୫ଟି ଶ୍ରେଣୀରେ ୯ ପିଲା ଥିବାବେଳେ ଦୁଇଜଣ ଶିକ୍ଷକ ଥିଲେ।

ସମ୍ପୃକ୍ତ ପିଲାମାନଙ୍କୁ କାଣ୍ଡବା ନୋଡାଲ ଉ.ପ୍ରା. ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଶିକ୍ଷକଦ୍ୱୟଙ୍କୁ ଶ୍ରୀରାମପୁର ଓ ଡଗରପଡ଼ା ପ୍ରାଥମିକ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ବିଦ୍ୟାଳୟ ଗୃହଗୁଡ଼ିକୁ ସ୍ଥାନୀୟ ସରପଞ୍ଚଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଗୋଷ୍ଠୀ ସାଧନ ସଂଯୋଜକ ରବିନାରାୟଣ ପରିଡ଼ାଙ୍କୁ ପଚାରିବାରୁ ସରକାରଙ୍କ ନିୟମ ଅନୁଯାୟୀ ପିଲା କମ୍ ଥିବା ସ୍କୁଲଗୁଡ଼ିକୁ ବନ୍ଦ କରିଦିଆଯାଇଛି ବୋଲି କହିଛନ୍ତି।



ପରିଚୟପତ୍ର ପାଇଥିବା ସଂଗ୍ରାମୀଙ୍କ ପରିବାର ଲୋକ।

# ସଂଗ୍ରାମୀଙ୍କ ପରିବାର ଲୋକଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର

**ବାସୁଦେବପୁର, ୩।୭ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତ ରଥପଦାଠାରେ ଶହୀଦ ମେମୋରିଆଲ ସଂଗ୍ରାମୀ ମହାସଂଘ ପକ୍ଷରୁ ବୁଧବାର ସ୍ୱାଧୀନତା ଓ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଲୋକଙ୍କୁ ମାନପତ୍ର, ସ୍ୱତନ୍ତ୍ର ପରିଚୟପତ୍ର ବଣ୍ଟନ କରାଯାଇଛି। ମହାସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସାହିତ୍ୟିକ ବନମାଳି ବାରିକ ସଂଗ୍ରାମୀ ଓ ଅଣବନ୍ଦୀ ସଂଗ୍ରାମୀଙ୍କ ପରିବାର ଲୋକଙ୍କୁ ମାନପତ୍ର ଓ ପରିଚୟପତ୍ର ବଣ୍ଟନ କରିଥିଲେ। ମୋଟ ୧୫ ଜଣଙ୍କୁ ମାନପତ୍ର ଓ ୨୪ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ସଂଘର ଏହି ଅଭିନବ ପ୍ରୟାସକୁ ସଂଗ୍ରାମୀଙ୍କ ପରିବାର ଲୋକେ ସ୍ୱାଗତ କରିବା ସହ କୃତଜ୍ଞତା ଜ୍ଞାପନ କରିଥିଲେ। ଏହାଛଡ଼ା ସ୍ୱତନ୍ତ୍ର ପରିଚୟପତ୍ର ପାଇଥିବା ବ୍ୟକ୍ତିମାନେ ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ମଧ ଧନ୍ୟବାଦ ଜଣାଇଥିଲେ।

# ଥାନା ଘେରିଲେ ପୌରପାଳିକା ଝାଡୁଦାର




ଟାଉନ ଥାନା ସମ୍ମୁଖରେ ଝାଡୁଦାର ଓ ଠିକା ଶ୍ରମିକ।

**ଭଦ୍ରକ ଅଫିସ, ୩।୭**

ଭଦ୍ରକ ପୌରପାଳିକାରେ କାର୍ଯ୍ୟରତ ସମସ୍ତ ଝାଡୁଦାର ବୁଧବାର ଅପରାହ୍ନରେ ଟାଉନ ଥାନା ଘେରାଉ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ପୌରପାଳିକା ଅଧୀନରେ ଠିକା କର୍ମଚାରୀ ଭାବେ ନିୟୋଜିତ ରହି ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ସେମାନଙ୍କୁ ନିୟୋଜିତ କରିଥିବା ଠିକା କର୍ମଚାରୀ ସଂସ୍ଥା ସେମାନଙ୍କ ଇପିଏଫ୍, ଇଏସ୍ଆଇ ବାବଦ ଲକ୍ଷାଧିକ ଟଙ୍କା ମାସିକ ଦରମାରୁ କାଟି ରଖୁଥିଲେ ମଧ ବିଭାଗୀୟ କାର୍ଯ୍ୟାଳୟରେ ଜମା କରୁନାହିଁ। ଏହି ଘଟଣାକୁ ନେଇ ସେମାନେ ଗତ ନଭେମ୍ବର ୮ ତାରିଖରେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଟାଉନ ଥାନାରେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଏତଲା ଦାଏର କରିଥିଲେ। ପୋଲିସ ଏହି ଘଟଣାରେ ପଦକ୍ଷେପ ପାଇଁ ୩ ମାସ ସମୟ ନେଇ ସଂସ୍ଥା ବିରୋଧରେ ମାମଲା ରୁଜୁ କରି ଚୁପ୍ ବସିଛି। ତୁରନ୍ତ ଉପଯୁକ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ୭ ଦିନ ପରେ ଆମରଣ ଅନଶନ କରିବେ ବୋଲି ସେମାନେ ସାମୂହିକ ଭାବେ ଥାନାଧିକାରୀଙ୍କୁ ଲିଖିତନାମା ପ୍ରଦାନ କରିଛନ୍ତି।

## ଶିକ୍ଷାବିତ୍ ଅଭିରାମଙ୍କ ସ୍ମୃତିଚାରଣ

**ଧାମନଗର, ୩।୭ (ଡି.ଏନ.ଏ.)**

ଧାମନଗର ବ୍ଲକ ଚୂଡ଼ାକୁଟି ଇନ୍ଦ୍ରଗୋବିନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ ସ୍ୱର୍ଗତ ଅଭିରାମ ନାଥଙ୍କ ୧୩ତମ ସ୍ମୃତିସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ଘଣ୍ଟେଶ୍ୱର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ ଡ. କ୍ଷୀରୋଦ ଚନ୍ଦ୍ର ସାମଲ ମୁଖ୍ୟବକ୍ତା ଏବଂ ପଲ୍ଲୀ ସାହିତ୍ୟିକ ସୀତାକାନ୍ତ ପତ୍ରୀ, ନରେନ୍ଦ୍ର ଦାସ, ସୁବାସ ଦାସ, ପ୍ରଶାନ୍ତ ବେହେରା ଓ ଦୋଳଗୋବିନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅଭିରାମ ଧାମନଗର ବ୍ଲକରେ ଶିକ୍ଷା କ୍ଷେତ୍ରକୁ ଅଗ୍ରାଧିକାର ଦେବା ସହିତ ବିଭିନ୍ନ ସ୍ଥାନରେ ବିଦ୍ୟାଳୟ ଗଠନ କରିଥିଲେ। ନିଜ ଜନ୍ମମାଟିରେ ଇନ୍ଦ୍ରଗୋବିନ୍ଦ ନୋଡାଲ ଏବଂ ଉଚ୍ଚ ବିଦ୍ୟାଳୟର ସେ ପ୍ରାଣ ପ୍ରତିଷ୍ଠାତା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାମୋହନ ପଣ୍ଡା, ଲକ୍ଷ୍ମୀଧର ପାଗଳ ଓ ଖଗେଶ୍ୱର ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୁବାସ ବାରିକ ବିବରଣୀ ପାଠ, ବୃନ୍ଦାବନ ରାଉଳ ଅତିଥି ପରିଚୟ ପ୍ରଦାନ ଓ କାର୍ତ୍ତିକ ପତି ମାନପତ୍ର ପାଠ କରିଥିଲେ। ରବୀନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶାଠାରୁ ଦୂରେଇ ରହିବାକୁ ଆହ୍ୱାନ

**ଭଦ୍ରକ ଅଫିସ, ୩।୭**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ଭଦ୍ରକ ଜିଲା ପ୍ରଶାସନର ମିଳିତ ସହଯୋଗରେ ବୁଧବାର ଚରମ୍ପାସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ବ୍ଲକସ୍ତରୀୟ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନଜୀବୀ ନିରାକାର ଜେନା ଯୋଗଦେଇ ନିଶାଠାରୁ ଦୂରେଇ ରହି ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ବ୍ରହ୍ମାକୁମାରୀ ମଞ୍ଜୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଭଦ୍ରକ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୀତାରାଣୀ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଗଗନ ବିହାରୀ ରାଉତ, ପୂର୍ବତନ ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି, ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର ସମ୍ପାଦକ ବାବୁଲାଲ ଦାଶ, ଶିକ୍ଷକ ଅମର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନିଶା ନିବାରଣ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜନସଚେତନତା ଶୋଭାଯାତ୍ରା ବ୍ରହ୍ମାକୁମାରୀ ଆଶ୍ରମରୁ ବାହାରି ଚରମ୍ପା ରେଳ ଷ୍ଟେଶନ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ବହୁ ସଂଖ୍ୟକ ସ୍କୁଲ, କଲେଜ ଓ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ମଧ୍ୟାହ୍ନ ଭୋଜନରେ ବିଳମ୍ବ: ଉପାସରେ ଛାତ୍ରୀଛାତ୍ର

**ଭଦ୍ରକ ଅଫିସ, ୩।୭**

ଭଦ୍ରକ ପୁରୁଣାବଜାର ମିର୍ଜାପୁରସ୍ଥିତ ମଦ୍ରାସାରେ ବୁଧବାର ମଧ୍ୟାହ୍ନ ଭୋଜନ ଡେରିରେ ପହଞ୍ଚିଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ମଧ୍ୟାହ୍ନ ୧୨ଟା ପରିବର୍ତ୍ତେ ଅପରାହ୍ନ ସାଢ଼େ ୨ଟାରେ ମଧ୍ୟାହ୍ନ ଭୋଜନ ପହଞ୍ଚିଥିଲା। ଉପାସରେ ଛାତ୍ରୀଛାତ୍ର ଘରକୁ ଫେରିଥିଲେ। ଫଳରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ମଧ୍ୟାହ୍ନ ଭୋଜନ ଗାଡ଼ିକୁ କିଛି ସମୟ ପାଇଁ ଅଟକ ରଖିଥିଲେ। ଏହାକୁ ନେଇ ଗ୍ରାମବାସୀ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ମଧ୍ୟାହ୍ନ ଭୋଜନ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ମଧ ଉଲ୍ଲେଖ କରାଯାଇଛି।

# ରଥଯାତ୍ରାରେ ସେବା ଲାଗି ଜୀବନଜ୍ୟୋତି ସଙ୍ଗଠନ ପୁରୀରେ

**ତିହିଡ଼ି, ୩।୭ (ଡି.ଏନ.ଏ.)**

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସେବାକାର୍ଯ୍ୟ ପାଇଁ ତିହିଡ଼ିର ଜୀବନଜ୍ୟୋତି ସଙ୍ଗଠନର କର୍ମକର୍ତ୍ତା ବୁଧବାର ସକାଳେ ପୁରୀରେ ପହଞ୍ଚିଛନ୍ତି। ବ୍ଲକର ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ଗ୍ରାମର ଏହି ସଙ୍ଗଠନର ୨୫୦ କର୍ମକର୍ତ୍ତା ସେବାକାର୍ଯ୍ୟରେ ନିୟୋଜିତ ହେବେ। ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା, ସଫେଇକାର୍ଯ୍ୟ, ରଥ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଯାତାୟାତ ପାଇଁ ସୁବିଧା କରାଇବା, ଭକ୍ତମାନଙ୍କ ଉପରେ ପାଣି ସିଞ୍ଚନ ସମେତ ବିଭିନ୍ନ ସେବାରେ ନିୟୋଜିତ ହେବେ ସଙ୍ଗଠନର ହଳଦିଆ ବାହିନୀ। ୨୦୧୭ଠାରୁ ରଥଯାତ୍ରାରେ ସାମିଲ ହୋଇ ସଙ୍ଗଠନର ସାମାଜିକ କର୍ମୀମାନେ ପ୍ରଶାସନ ଦ୍ୱାରା ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଆସୁଛନ୍ତି। ଚଳିତବର୍ଷ ମଧ ନିଷ୍ଠାର ସହ ସେବା କରି ପୁରୀ ପ୍ରଶାସନର ପ୍ରଶଂସାଭାଜନ ହୋଇପାରିବେ ବୋଲି ସଙ୍ଗଠନର କର୍ମକର୍ତ୍ତା ଆଶା ରଖିଛନ୍ତି। ସଙ୍ଗଠନର ସଭାପତି ଧୀରେନ୍ଦ୍ର ସାହୁ, ଜ୍ୟୋତିର୍ମୟ



ଜୀବନଜ୍ୟୋତି ସଙ୍ଗଠନର କର୍ମକର୍ତ୍ତା।

ପାଣ୍ଡବ, ରାଜେଶ ବାରିକ, ଆଶାଦୀପ ବାରିକ, ରଞ୍ଜନ ଶୁକ୍ଳା, ତୁଷାର ସ୍ୱାଇଁ, ମହେଶ୍ୱର ନାୟକ, ଦିନେଶ ପୁହାଣ, ଦୀପକ ପଣ୍ଡା, ଦେବରାଜ ବେହେରା, ରାଜେଶ ବେହେରା ଓ ସ୍ମୃତିରଞ୍ଜନ ମହାନ୍ତି ଏହାର ନେତୃତ୍ୱ ନେଇଛନ୍ତି।

# ଧାନ ବିକ୍ରି ଟଙ୍କା ନ ମିଳିଲେ ଆନ୍ଦୋଳନ

**ବନ୍ତ, ୩।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ପଧାନପଡ଼ା ସେବା ସମବାୟ ସମିତିରେ ଚାଷୀମାନେ ୩ ମାସ ପୂର୍ବରୁ ଧାନ ବିକି ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେମାନଙ୍କୁ ତୁରନ୍ତ ପ୍ରାପ୍ୟ ଟଙ୍କା ପ୍ରଦାନ କରା ନ ଗଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବନ୍ତ ଶାଖା ଅଧୀନ ପଧାନପଡ଼ା ସେବା ସମବାୟ ସମିତିରେ ଚଳିତ ଖରିଫ ଋତୁରେ ଚାଷୀମାନେ ଧାନ ବିକ୍ରୟ କରିବା ନେଇ ଅନ୍‌ଲାଇନ ପଞ୍ଜୀକରଣ କରିଥିଲେ। ଗତ ଜାନୁୟାରୀ ମାସଠାରୁ ଧାନ କିଣା ଆରମ୍ଭ ହୋଇଥିଲା। ଉକ୍ତ ସମିତି ଅଧୀନରେ ନିତ୍ୟାନନ୍ଦ ବାରିକ, ଉଚ୍ଛବ ଯେନା, ହରିନାରାୟଣ ମହାନ୍ତି, ଭଗବାନ ଦାଶ, ରବୀନ୍ଦ୍ର ବେହେରା, ଖଗେଶ୍ୱର ବେହେରା, ନିକୁଞ୍ଜ ବିହାରୀ ମିଶ୍ର, ଗୀତାରାଣୀ ମିଶ୍ର, ଶତ୍ରୁଘ୍ନ ନାୟକ, ଅଶୋକ ବାରିକଙ୍କ ସମେତ ୧୮୪ ଚାଷୀ ଗତ ଏପ୍ରିଲ ମାସଠାରୁ ଧାନ ବିକ୍ରି କରିଥିଲେ। ହେଲେ ଅଦ୍ୟାବଧି ସେମାନେ ଟଙ୍କା ପାଇନାହାନ୍ତି। ଏ ନେଇ ବାରମ୍ବାର ସମିତିକୁ ଦୌଡ଼ୁଥିଲେ ମଧ ସେମାନଙ୍କ କଥା କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଆଗାମୀ ସପ୍ତାହ ମଧ୍ୟରେ ସେମାନଙ୍କୁ ଧାନ ବିକ୍ରି ଟଙ୍କା ଦିଆ ନ ଗଲେ ବନ୍ତ-ବାରିକପୁର ରାସ୍ତାର ନିଳୋକ ବଜାରଠାରେ ରାସ୍ତାରୋକୋ କରିବାକୁ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି। ଏ ସମ୍ପର୍କରେ ଏଆର୍‌ସିଏସ୍ ସ୍ୱାଗତିକା ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ସମଗ୍ର ଜିଲାରେ ଏଭଳି ସମସ୍ୟା ହୋଇଛି। ନିକଟରେ ଭଣ୍ଡାରିପୋଖରୀଠାରେ ରାସ୍ତାରୋକୋ ବେଳେ ଏମ୍‌ଡିଙ୍କ ସହିତ ଜିଲା ଯୋଗାଣ ବିଭାଗ ଅଧିକାରୀ କଥା ହୋଇଛନ୍ତି। ୭ ଦିନ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ଶୁଣାଯାଉଛି।

# ହାତୀ ଘଉଡ଼ାଇବେ ୩ ଟିମ୍

## ବାଧକ ସାଜୁଛି ପ୍ରତିକୂଳ ପାଗ

**ବନ୍ତ, ୩।୭ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ପାଟକନା, ରାଉତରାପୁର, ତ୍ରିସାଲିଆ ଆଦି ଗ୍ରାମରେ ମାସେରୁ ଊର୍ଦ୍ଧ୍ୱ ଦିନ ଧରି ହାତୀପଲ ପନିପରିବା ଉଜାଡ଼ିବା ଓ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ହାତୀ ଭୟରେ ସନ୍ଧ୍ୟା ହେଲେ ଏହି ଗାଁରେ ଲୋକେ ତାଟି କବାଟ ବନ୍ଦ କରି ଭିତରେ ଭୟଭୀତ ଅବସ୍ଥାରେ ରାତି ବିତାଉଛନ୍ତି। ହାତୀଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ସହ ଲୋକଙ୍କୁ ସଚେତନ କରିବା ପାଇଁ ବନ ବିଭାଗର ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ସେଠାରେ ମୁତୟନ ରହିଛନ୍ତି। ଉକ୍ତ ଗ୍ରାମକୁ ଲାଗି କେନ୍ଦୁଝର ଜିଲା ହାଟଡିହୀ ବ୍ଲକର କାନପୁର, ସୋସୋ, ମରଚାଇପଦାରେ ମଧ ହଦଗଡ଼ ବନ ବିଭାଗ କର୍ମଚାରୀ ଜଗି ରହିଛନ୍ତି। ତେବେ ଆଗରପଡ଼ା, ହଦଗଡ଼ ଓ ବାରିପଦାରୁ ଆସିଥିବା ୩ଟି ଟିମ୍ ମିଳିତ ଭାବେ ହାତୀପଲଙ୍କୁ ଘଉଡ଼ାଇବାକୁ ପ୍ରସ୍ତୁତ ହୋଇଥିବା ବେଳେ ପ୍ରତିକୂଳ ପାଗ ବାଧକ ସାଜୁଛି ବୋଲି ଡିଏଫ୍ଓ ଅମ୍ଳାନ ନାୟକ କହିଛନ୍ତି। ବର୍ଷା ଲାଗି ରହିଥିବାରୁ ମଶାଲ ଜାଳିବା ଓ ରାତିରେ ହାତୀଙ୍କୁ ବାଟ କଢ଼ାଇ ନେବା ସହଜ ହେବ ନାହିଁ। ହାତୀ ଓ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଅଞ୍ଚଳରେ ବିଦ୍ୟୁତ କାଟ୍ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି।

# ଥଇଥାନ ପାଇଁ ଜିଲାପାଳଙ୍କୁ ଭେଟିଲେ ବ୍ୟବସାୟୀ

**ଭଦ୍ରକ ଅଫିସ, ୩।୭**

ଭଦ୍ରକ ସହରରୁ ଜବରଦଖଲ ଉଚ୍ଛେଦ ପରେ ରୋଜଗାର ହରାଇଥିବା ଦୋକାନୀମାନଙ୍କୁ ଥଇଥାନ ଦାବିରେ ସିପିଆଇ(ଏମ୍)ର ଜିଲା କମିଟି ବୁଧବାର ଜିଲାପାଳଙ୍କୁ ଭେଟିଥିଲା। କମିଟି ନେତୃତ୍ୱରେ ଶତାଧିକ ବ୍ୟବସାୟୀ ଏକତ୍ର ହୋଇ ଶୋଭାଯାତ୍ରାରେ ଯାଇ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ଭେଟି ସେମାନଙ୍କୁ ତୁରନ୍ତ ଥଇଥାନ କରାଯିବାକୁ ଦାବି ଜଣାଇଥିଲେ। ଜିଲାପାଳ ଦାସ ସେମାନଙ୍କ ସହ ଆଲୋଚନା କରିଥିଲେ। ସର୍ବଦଳୀୟ ତଥା ବ୍ୟବସାୟୀ ସଂଘ ପ୍ରତିନିଧିଙ୍କ ସହ ବୈଠକ କରି ଆଲୋଚନା ପରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ସହରକୁ ସରସ, ସୁନ୍ଦର କରିବା ପାଇଁ ରାସ୍ତା ପ୍ରଶସ୍ତିକରଣ ଏବଂ ଡ୍ରେନେଜ ପୁନଃ



ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବ୍ୟବସାୟୀମାନେ।

ନିର୍ମାଣ ସକାଶେ ସରକାରୀ ଜାଗାରେ ଥିବା ଦୋକାନ ଜବରଦଖଲମୁକ୍ତ ନିଶ୍ଚୟ କରାଯିବ ବୋଲି ଜିଲାପାଳ କହିଥିଲେ। ବ୍ୟବସାୟୀମାନେ ମଧ ଏହାକୁ ସମର୍ଥନ କରିଥିଲେ। ବ୍ୟବସାୟୀଙ୍କ ପ୍ରସ୍ତାବ ମୁତାବକ ପୁରୁଣା ବସ୍‌ଷ୍ଟାଣ୍ଡ, ବନ୍ତ ଛକରେ ଥିବା ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ନିକଟ, ଉପଜିଲାପାଳଙ୍କ ବାସସ୍ଥାନରେ ଥିବା ଖାଲି ଜାଗା ଏବଂ ବାଲଗୋପାଳ ମନ୍ଦିର ପଛପାଖ ଜାଗାରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରି ବିସ୍ଥାପିତଙ୍କୁ ଥଇଥାନ କରାଯିବା ନେଇ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। କମିଟିର ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ଆଞ୍ଚଳିକ କମିଟି ସମ୍ପାଦକ ରାଧା ଦାସ, ପ୍ରଫୁଲ୍ଲ ପାତ୍ରୀ, ଚନ୍ଦ୍ରଶେଖର ନାୟକ ଓ ବିନୋଦ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଜୁଲାଇ ୪/୨୦୧୯ Balasore, Thursday, July 4/ 2019




# ଅବରୋଧ ଉଚ୍ଛେଦ କାମ ଦେଲାନି

- ସାଢ଼େ ୩ ଘଣ୍ଟା ପରେ ପୁନର୍ବାର ବାଡ଼ ବସିଲା
- ପ୍ରଶାସନକୁ ଜବରଦଖଲକାରୀଙ୍କ ଚ୍ୟାଲେଞ୍ଜ

ବାହାନଗା,୩।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ଼ ପଞ୍ଚାୟତର ଉତ୍ତରସାହି ଲୋକଙ୍କ ଘରକୁ ରାସ୍ତା ନ ଥିବାରୁ ବର୍ଷା ଦିନେ ୫ ପରିବାର ସଦସ୍ୟ ବନ୍ଦୀ ଜୀବନ ବିତାଇ ଆସୁଛନ୍ତି। ସେମାନଙ୍କ ଘର ସାମ୍ନା ସରକାରୀ ଗୋଚର ଜମିକୁ ଜବରଖଲକାରୀ ମାଡିବସିଥିବାରୁ ବର୍ଷେ କି ୨ ବର୍ଷ ନୁହେଁ ଦୀର୍ଘ ୧୮ ବର୍ଷ ଧରି ଏହି ପରିବାର ଯାତାୟତ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବହୁବାର ଅଭିଯୋଗ ହେବା ପରେ ବୁଧବାର ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ସହାୟତାରେ ସରକାରୀ ଗୋଚର ଜମିରୁ ଅବରୋଧ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ହେବାର ମାତ୍ର ସାଢେ ୩ ଘଣ୍ଟା ପରେ ଅବରୋଧକାରୀମାନେ ପୁନର୍ବାର ବାଡ଼ ବସାଇ ସେହି ଜାଗାକୁ ଅକ୍ତିଆରକୁ ନେଇଯାଇ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତ। ଏନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି।

ଗ୍ରାମବାସୀ କହିଛନ୍ତି ଯେ, ସରକାରୀ ଜମିଥିବା ସତ୍ତ୍ୱେ ଉତ୍ତରସାହିର ଲୋକେ ନିଜ ଘରକୁ ଯାତାୟତ ପାଇଁ ବାଟ ପାଉ ନାହାନ୍ତି। ମୁଷ୍ଟିମେୟ ଲୋକ ଏହି ଜମିକୁ ଅବରୋଧ କରି ନିଜ ଜମି ସହିତ ମିଶାଇ ଦେଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଉତ୍ତରସାହିର ଜଣେ ମହିଳାଏ ନେଇ ସ୍ୱର ଉତ୍ତୋଳନ କରିବାରୁ ଅନ୍ୟ ଜବରଦଖଲକାରୀ ପରିବାର ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସେହିଦିନଠାରୁ ଉତ୍ତରସାହିରେ ଥିବା ସତ୍ୟଭାମା ବେହେରା, ରାଜେନ୍ଦ୍ର ମହାଳିକ, ବାଘୁଆ ମହାଳିକ, ବିପିନ୍ ମହାଳିକ, ସୁଦର୍ଶନ ମହାଳିକଙ୍କ ପରିବାର ଲୋକେ ସରକାରୀ ଜମି ଉପରେ ଯାତାୟତ କରି ନ ପାରି ହଇରାଣ ହେଉଛନ୍ତି। ଏହି ୫ ପରିବାର ଲୋକେ ବର୍ଷା ଦିନେ ବିଲ ହିଡ ଦେଇ ଯାତାୟତ କରିଥାନ୍ତି । ପରିବାରର ପିଲାମାନେ ବର୍ଷାଦିନେ ବିଦ୍ୟାଳୟକୁ ଯାଇ ଆସି ପାରି ନ ଥାନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ପରିବାର ବାଲେଶ୍ୱର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ ବାହାନଗା ତହସିଲଦାର ଓ ପ୍ରଶାସନ ସରକାରୀ ଜମିରୁ କିଛି ବର୍ଷ ତଳେ ଅବରୋଧ ଉଚ୍ଛେଦ କରିଥିଲେ। ସେହି ସରକାରୀ ଜମି ଦେଇ ସବୁ ଲୋକେ ଯାତାୟତ କରି ପାରିବେ ବୋଲି କୁହାଯାଇଥିଲା। କିଛିଦିନ ପରେ ସେହି ଜମିକୁ ଅବରୋଧକାରୀମାନେ ନିଜ ଅକ୍ତିଆରକୁ ନେଇଯିବାରୁ ପୂର୍ବ ସ୍ଥିତି ଫେରି ଆସିଥିଲା। ଏ ନେଇ ସମ୍ପୃକ୍ତ ପୁନର୍ବାର ବାଲେଶ୍ୱର ଜିଲାପାଳଙ୍କ ସମେତ ବାହାନଗା ତହସିଲିଦାରଙ୍କଠାରେ ଅଭିଯୋଗ କରିଥିଲେ।


ଅଧିକାରୀଙ୍କ ଉପସ୍ଥିତିରେ ସରକାରୀ ଜମିରୁ ଅବରୋଧ ହଟାଯାଉଛି।

ମାତ୍ର ପ୍ରଶାସନଠାରୁ ନିରାଶ ହେବା ପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ଦିନ ବ୍ୟବଧାନ ପରେ ବୁଧବାର ବାହାନଗା ତହସିଲଦାର ଦେବଯାନୀ ଭୂୟାଁ ଓ ବିଷ୍ଣୁପୁର ଆର୍‌ଆଇ ଚନ୍ଦନ ସେଠୀଙ୍କ ସମେତ ତହସିଲ କର୍ମଚାରୀ ଓ ଅନନ୍ତପୁର ଫାଣ୍ଡି ଅଧିକାରୀ ଏମ.ଆର. ରହମନ, ସୋର ଥାନା ଏସ୍.ଆଇ. ପ୍ରଦୀପ କୁମାର ନାୟକ ସମେତ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ନେଇ ଅବରୋଧ ହୋଇଥିବା ସରକାରୀ ଜମିକୁ ଉଚ୍ଛେଦ କରିଥିଲେ। ପରେ ସେହି ଜମିରେ ପ୍ରଶାସନ ତରଫରୁ ନାଲି ପତାକା ପୋତା ଯାଇଥିଲା। ପ୍ରଶାସନ ଉଚ୍ଛେଦ କରି ଫେରିବାର ମାତ୍ର ସାଢ଼େ ୩ଘଣ୍ଟା ପରେ ଅବରୋଧକାରୀମାନେ ପାଟିତୁଣ୍ଡ କରି ପୁନଃର୍ବାର ସେହି ଜମିରେ ବାଡ଼ ବସାଇ ନିଜ ଅକ୍ତିଆରକୁ ନେବା ଘଟଣା ଏବେ ପ୍ରଶାସନକୁ ଅଡୁଆରେ ପକାଇଛି।

## ବାଳାଶ୍ରମରୁ ଲୁଚି ପଳାଇ ଆସିଥିବା ନାବାଳକ ଉଦ୍ଧାର

**ବାଲିଆପାଳ,୩।୭(ସ୍ୱ.ପ୍ର):** ବଟାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ମାଗୁଣି ଚରଣ ବାଳାଶ୍ରମରୁ ଲୁଚି ପଳାଇ ଆସିଥିବା ଜଣେ ନାବାଳକଙ୍କୁ ବୁଧବାର ବାଲିଆପାଳ ଚାଇଲ୍ଡଲାଇନର କର୍ମୀମାନେ ଉଦ୍ଧାର କରିଛନ୍ତି। ଏହି ନାବାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସିଡବ୍ଲ୍ୟୁସିରେ ହାଜର କରାଯାଇଛି। ବାଳାଶ୍ରମରେ ଅନ୍ତେବାସୀଙ୍କ ରହିବା , ଖାଇବା ଦାୟିତ୍ୱ ଠିକ୍ ଭାବେ ନିଆଯାଉ ନ ଥିବାରୁ ସେ ଲୁଚି ପଳାଇ ଆସିଥିବା ଚାଇଲ୍ଡଲାଇନର ଅଧିକାରୀଙ୍କୁ ଜଣାଇଛନ୍ତି।

ଏହି ନାବାଳକ ଦୀର୍ଘ ୫ବର୍ଷ ହେବ ସେଠାରେ ରହି ଆସୁଥିଲେ। ବୁଧବାର ଭୋର ସମୟରେ ସମସ୍ତଙ୍କ ଅଜାଣତରେ ସେ ବାଳାଶ୍ରମରୁ ବାହାରି ଆସି ଏକ ବସ୍ ଧରି ଜାମୁଶୁଳୀ କଲେଜ ଛକରେ ଓହ୍ଲାଇ ଥିଲେ। ସେଠାରୁ ଚାଲିଚାଲି ଆସି ଦେଭୋଗ ଛକରେ ପହଞ୍ଚିଥିଲା। ଭୋକ ଲାଗିବାରୁ ସେଠାରେ ସେ ଇତସ୍ତତଃ ହୋଇ ବୁଲାବୁଲି କରୁଥିବା ଦେଖି ସ୍ଥାନୀୟ ଲୋକେ ଚାଇଲ୍ଡ ଲାଇନକୁ ଫୋନ୍ କରିଥିଲେ। ଖବର ପାଇ ଚାଇଲ୍ଡଲାଇନ ମୁଖ୍ୟ ପ୍ରଶାନ୍ତ ରାଉତଙ୍କ ନିର୍ଦ୍ଦେଶରେ ସବ୍‌ସେଣ୍ଟର ଟିମ୍ ସଦସ୍ୟ ସ୍ୱପ୍ନାରାଣୀ ଜେନା ଓ ଉତ୍ତମ କୁମାର ନାୟକ ସେଠାକୁ ଯାଇ ନାବଳକଙ୍କୁ ଉଦ୍ଧାର କରିଥିଲେ।

## ଚାକିରିରୁ ଶିକ୍ଷକ ବହିଷ୍କୃତ

**ସିମୁଳିଆ,୩।୭ (ଡି.ଏନ.ଏ.):** ମାଟ୍ରିକ୍ ସାର୍ଟିଫିକେଟ୍‌ରେ ଜାଲିଆତି କରି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ରୁତୁଙ୍ଗା ନୋଡ଼ାଲ ୟୁପି ସ୍କୁଲର ସହକାରୀ ଶିକ୍ଷକ ଭାବେ କାମ କରୁଥିବା ଉତ୍ତମ କୁମାର ବେହେରାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସେ ଗତ ତା୨୪।୪।୨୦୦୭ରିଖିରୁ ଏହି ବିଦ୍ୟାଳୟରେ ଶିକ୍ଷା ସହାୟକ (ଏସ୍‌ଏସ୍) ରୂପେ ନିଯୁକ୍ତ ହୋଇଥିଲେ। ପରେ ତାଙ୍କ ସାର୍ଟିଫିକେଟ୍‌ରେ ଜାଲିଆତି ହୋଇଥିବା ଜଣାଯାଇଥିଲା। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଗତ ତା୨୧।୬।୨୦୧୯ରିଖି ପତ୍ର ସଂଖ୍ୟା ୧୦୭୬ ମୂଳେ ଉକ୍ତ ଶିକ୍ଷକଙ୍କୁ ୭ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ପରେ ଗତ ତା୧।୭।୨୦୧୯ ରିଖରେ ପତ୍ର ସଂଖ୍ୟା ୧୧୨୪ ମୂଳେ ତାଙ୍କୁ ବହିଷ୍କୃତ କରାଯାଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

